# ନୀଳକଣ୍ଠପୁର ଶ୍ରୀସତ୍ୟସାଇ ସେବା ସମିତିର ବାର୍ଷିକ ଉତ୍ସବ



**ଧର୍ମଶାଳା, ୩।୧(ସମିସ):** ନୀଳକଣ୍ଠପୁର ଶ୍ରୀସତ୍ୟସାଇ ସେବା ସମିତିର ଇଂରାଜୀ ନୂତନ ବର୍ଷର ପ୍ରଥମ ଦିନରେ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ରକ୍ତଦାନ ଶିବିରକୁ ଯାଜପୁର ସତ୍ୟସାଇ ସଂଗଠନର ପୂର୍ବତନ ଜିଲ୍ଲା ସଭାପତି ଆଭାସ ଚନ୍ଦ୍ର ମଜୁମଦାର ଓ ପୂର୍ବତନ ଜିଲ୍ଲା ସଭାପତି ଧୀରେନ୍ଦ୍ର କୁମାର ସାହୁ ଉଦଘାଟନ କରିଥିଲେ। କଟକ ରେଡ଼କ୍ରସର ସହଯୋଗରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଯାୟୀ ଭଜନ, ଜ୍ୟୋତି ଆବାହନ, ବେଦପାଠ, ସମବେତ ସଙ୍ଗୀତ, ସ୍ୱାଗତ ସମ୍ଭାଷଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାଣି, ଆତ୍ମାରାମ ସୂତାର, କାମଦେବ ଶତପଥୀ, ଦୁଃଖିଶ୍ୟାମ ବଳ, ପାରେଶ୍ୱର ଶରଣ, ବେଣୁଧର ଶରଣ, ଲୋକନାଥ ମିଶ୍ର, ଦନେଇ ସାହୁ, ଅନନ୍ତ ନାରାୟଣ ସାହୁ ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ଆଧ୍ୟାତ୍ମିକ ଆଲୋଚନାରେ ଅତିଥିମାନେ ଅଂଶଗ୍ରହଣ କରି ନିଜର ମତବ୍ୟକ୍ତ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ପୂଜ୍ୟ ଆଭାସ କୁମାର ମଜୁମଦାର, ବରିଷ୍ଠ ଆଧ୍ୟାତ୍ମିକ ବ୍ୟକ୍ତି ପୂଜ୍ୟ ଗୁରୁଚରଣ ପ୍ରଧାନ ଓ ପୂର୍ବାଞ୍ଚଳ ସଭାପତି ଭାରତ ପୂଜ୍ୟ ନାରାୟଣ ପ୍ରସାଦ ସର ସାଇ ଆଶ୍ରିତଙ୍କୁ ଭଗବାନଙ୍କ ବାର୍ତ୍ତା ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ଜିଲ୍ଲା ପରିବେଶ ସମିତି ଓ ଜାତୀୟ ସବୁଜ ବାହିନୀ ବୈଠକ

# ଅଧିକ ଇକୋ କ୍ଲବ୍ ଗଠନ, ବିଦ୍ୟାଳୟ ପରିସର ପରିଷ୍କାର ଉପରେ ଗୁରୁତ୍ୱ

**ଯାଜପୁର, ୩।୧(ସମିସ)**

ଜିଲ୍ଲା ପରିବେଶ ସମିତି ଓ ଜାତୀୟ ସବୁଜ ବାହିନୀର ମିଳିତ କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟାଙ୍କ ବୈଠକ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ତଥା ସମିତିର ସହଅଧ୍ୟକ୍ଷ ନବକ୍ରିଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ଜିଲ୍ଲା ପରିବେଶ ସମିତି କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ଆଲୋକପାତ କରିଥିଲେ। ବୈଠକରେ କାର୍ଯ୍ୟନିର୍ବାହୀ ସଦସ୍ୟ ସେମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ସହ ବିଭିନ୍ନ ମତାମତ ପ୍ରଦାନ କରିଥିଲେ। ସଭାପତିଙ୍କ ଅନୁମତି କ୍ରମେ ସମିତିର ସମ୍ପାଦକ ତଥା ଜିଲ୍ଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ଜାତୀୟ ସବୁଜ ବାହିନୀର ଆବାହକ ଡଃ ଶରତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ବୈଠକରେ ଅଧିକ ଇକୋ କ୍ଲବ ଗଠନ, ବିଦ୍ୟାଳୟ ପରିସର ପରିଷ୍କାର, ସବୁଜିକରଣ, ପ୍ଲାଷ୍ଟିକ ମୁକ୍ତ ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣି ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସମ୍ମିଳନୀରେ ଏ ବିଷୟରେ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍କୁଲ ପରିଦର୍ଶନ ସମୟରେ ବିଦ୍ୟାଳୟ ପରିସର ସଫା ରଖିବା, ସବୁଜିକରଣ ଓ ପ୍ଲାଷ୍ଟିକ ମୁକ୍ତ ଅଛି କି ନାହିଁ ତଦାରଖ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାସ୍ତରୀୟ ଏକ କମିଟି ଗଠନ କରାଯାଇ ଏ ବିଷୟରେ ତଦାରଖ କରାଯିବ। ମେଳା ଓ ଯାତ୍ରାରେ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସମ୍ପୃକ୍ତ ଯାନିଯାତ୍ରା କମିଟି ଓ ସମ୍ପୃକ୍ତ ଅଞ୍ଚଳର ବ୍ଲକ ପ୍ରଶାସନ ସହିତ ଏ ସମ୍ବନ୍ଧରେ ଆଲୋଚନା କରାଯିବ।

ପ୍ରତି ମାସରେ ସମ୍ପୃକ୍ତ ବ୍ଲକର ଉତ୍କୃଷ୍ଟ ପରିବେଶ ବଜାୟ ରଖିଥିବା ଗୋଟିଏ ବିଦ୍ୟାଳୟକୁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସୁପାରିଶ କ୍ରମେ ମିଳିତ ଜନଶୁଣାଣି ଦିବସରେ ଉକ୍ତ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଅନ୍ୟ ବିଦ୍ୟାଳୟଙ୍କୁ ପରିବେଶ ସ୍ୱଚ୍ଛତା ପାଇଁ ପ୍ରେରଣା ପ୍ରଦାନ କରାଯିବ। ଜିଲ୍ଲା ପରିବେଶ ସମିତିକୁ ସୁଦୃଢ଼ କରାଯିବା ପାଇଁ ଅଧିକରୁ ଅଧିକ ଆଜୀବନ ସଭ୍ୟ/ସଭ୍ୟା ଯୋଗଦାନ ପାଇଁ ଅଭିଯାନ ଚାଲୁ ରହିବ। ଆଜି ବୈଠକରେ ମୁଗୁପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା, ମହାବୀର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ନବଭାରତୀ ଉଚ୍ଚ ବିଦ୍ୟାଳୟର ଗିରିଶ ଚନ୍ଦ୍ର ମିଶ୍ର, ବିରଜା ମହିଳା ମହାବିଦ୍ୟାଳୟର ସଞ୍ଜୟ ସାମଲଙ୍କୁ ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ସ୍ଥାୟୀ ସଦସ୍ୟ/ସଦସ୍ୟା ଭାବେ ଗ୍ରହଣ କରାଗଲା। ଅନୁରୂପ ଭାବେ ବିଷ୍ଣୁ ଚରଣ ସାହୁ, ବନ୍ଦନା ପଣ୍ଡା, ପାବକ ମହାପାତ୍ର, ଉମାକାନ୍ତ ପରିଡ଼ାଙ୍କୁ ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ପ୍ରଧାନ ଶିକ୍ଷକ ଆର୍ଯ୍ୟ ନାରାୟଣ ପଣ୍ଡା, କଳିଙ୍ଗନଗର ଉପ-ପରିବେଶ ଯନ୍ତ୍ରୀ ମହେଶ୍ୱର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିବେଶ ସମିତି ଯୁଗ୍ମ ସଚିବ ମଳୟ କୁମାର ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରତୀକ ଭିଜନ ଥିଏଟର ଗ୍ରୁପ୍ର ବନ୍ଧୁମିଳନ

**ଯାଜପୁର ଟାଉନ, ୩।୧ (ସମିସ):** ଯାଜପୁରର ଅଗ୍ରଣୀ ଅନୁଷ୍ଠାନ ପ୍ରତୀକ ଭିଜନ ଥିଏଟର ଗ୍ରୁପ୍ ପକ୍ଷରୁ ବୁଢ଼ୀକଣ୍ଟେଇଠାରେ ଏକ ବଣଭୋଜି, ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତୀକ ଭିଜନର ନିର୍ଦ୍ଦେଶକ ପ୍ରସନ୍ନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତୀକ ଭିଜନ ଅନେକ ସ୍ଥାନରେ ନାଟକ କରି ସମାଜକୁ ଦିଗଦର୍ଶନ ଦେଇଥିବାବେଳେ ସେଥିରେ ଥିବା ଶୃଙ୍ଖଳିତ କଳାକାରଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ସମରଜିତ ମହାନ୍ତି, ତପନ ମହାରଣ୍ୟ, ମହେଶ୍ୱର ସାହୁ, ଦିଲ୍ଲୀପ ଦାଶ, ସୁରେଶ କର ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଅତିଥିଙ୍କୁ ପ୍ରତୀକ ଭିଜନ ଥିଏଟର ଗ୍ରୁପ ପକ୍ଷରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତୀକ ଭିଜନ୍ ଥିଏଟର ଗ୍ରୁପର ବୈଦ୍ୟନାଥ ପଣ୍ଡା, ନିଳାଦ୍ରୀ ଗିରି, ପ୍ରଶାନ୍ତ ପତି, ସନ୍ତୋଷ ପତି, ଗିତିକାର ଗୌତମ, ଲିଟୁଆ, ଲିପିକା ପ୍ରମୁଖ ଯୋଗ ଦେଇଥିଲେ।



### ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା

# ଇରା ମହାନ୍ତିଙ୍କ ‘ପ୍ରେମର ହେବ ଜୟ’ ଗୀତରେ ଝୁମିଲେ ଦର୍ଶକ



**ଧର୍ମଶାଳା, ୩।୧(ସମିସ)**

ଆଉ ଦୁଇଦିନ ପରେ ଶେଷ ହେବ ଧର୍ମଶାଳା ମହୋତ୍ସବ। ଶେଷ ହେବାକୁ ଯେତେ ପାଖେଇ ଆସୁଛି, ସେତେ ଭିଡ଼ ଜମୁଛି। ଆଜିର ୯ମ ସନ୍ଧ୍ୟାର ଆକର୍ଷଣ ଥିଲେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଇରା ମହାନ୍ତି। ଯାହାଙ୍କୁ ଦେଖିବା ଓ ତାଙ୍କ କଣ୍ଠରୁ ଗୀତ ଶୁଣିବା ପାଇଁ ମହୋତ୍ସବ ପଡ଼ିଆ ଦୁଇ ଘଣ୍ଟାଏ କାଳ ପୂରା ଭିଡ଼ ରହିଥିଲା। ଏପରିକି ସେହି ସମୟରେ ବ୍ୟବସାୟୀ ହାତ ବାନ୍ଧି ବସିଥିଲେ। କିଛି ସମୟ ପାଇଁ ଗ୍ରାହକ ଶୂନ୍ୟ ହୋଇପଡ଼ିଥିଲା ଦୋକାନ। ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ କଣ୍ଠଶିଳ୍ପୀ ଇରା ମହାନ୍ତି। ସେ ମଧ୍ୟ କଣ୍ଠଦାନ କରିଥିବା ବିଭିନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ ଗୀତ ଗାଇ ମନୋରଞ୍ଜନର ଖୋରାକ ଯୋଗାଇ ଥିଲେ। ନିକଟରେ ବହୁ ଲୋକପ୍ରିୟତା ଅର୍ଜନ କରିଥିବା ଆଧୁନିକ ଗୀତ ‘ପ୍ରେମର ହେବ ଜୟ...’ ଉପସ୍ଥିତ ସଙ୍ଗୀତପ୍ରେମୀ ଶ୍ରୋତାଙ୍କ ମନ ଜିଣି ନେଇଥିଲା। ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲା।

ଜୁଲାଇ ମାସରେ ଝଡ଼ି ବରଷା, ତୋତେ ବୁଲେଇ ନେବି ସମ୍ବଲପୁରୀ, ରାମାରେ ରାମାରେ, ରାକ୍ଷୀ ବାନ୍ଧିଲି ରଖିବ ମନ, ବାବୁ ଆଇ ଲଭ୍ ୟୁ ଆଦି ଗୀତ ଯୁବବର୍ଗଙ୍କୁ ମତୁଆଲା କରିଥିଲା। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମଞ୍ଚ ତଳେ ଦର୍ଶକ ଗ୍ୟାଲେରୀରେ ବସି ଇରାଙ୍କ ସମସ୍ତ ଗୀତକୁ ଉପଭୋଗ କରିଥିଲେ। ଧର୍ମଶାଳା ମହୋତ୍ସବ ପୂଜା କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ, ସବ୍ୟସାଚୀ ସୁନ୍ଦରରାୟ, କ୍ଷୀରୋଦ ମୁଦୁଲି, ରବୀନ୍ଦ୍ର କୁମାର ମହାନ୍ତି, ଅନିରୁଦ୍ଧ ରାଉତ, ଅଜୟ କୁମାର ନାୟକ, ପ୍ରଫୁଲ୍ଲ ସାହାଣୀ, ଅକ୍ଷୟ କୁମାର ନାୟକ, ରାଜକିଶୋର ଶତପଥୀ, ପ୍ରତାପ ପ୍ରଧାନ, ମନୋଜ ଦାସ, କିଶୋର ନାୟକ, ରାମଚନ୍ଦ୍ର ମଲିକ, ମାନସ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯାଜପୁରରେ ‘ନୂଆ ଓଡ଼ିଶା’ ଯୋଜନା ମାଧ୍ୟମରେ ନିଯୁକ୍ତି ମେଳା

# ୮୭୧ରୁ ୮୩୫ ଜଣଙ୍କୁ ମିଳିଲା ନିଯୁକ୍ତି



**ଯାଜପୁର, ୩।୧(ସମିସ):** ରାଜ୍ୟ ସରକାରଙ୍କ ‘ନୂଆ ଓଡ଼ିଶା’ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲ୍ଲା ପ୍ରଶାସନ ଯାଜପୁର ଓ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଯାଜପୁର ଜିଲ୍ଲାରେ ନିଯୁକ୍ତି ମେଳା ଆଜି ଦିନ ୧୧ ଘଟିକା ସମୟରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ୮୭୧ ଜଣ ନାମ ପଞ୍ଜିକୃତ କରିଥିବାବେଳେ ୮୩୫ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି।

ଏହି ନିଯୁକ୍ତି ମେଳାରେ ଏକ ସଭା ଜିଲ୍ଲା ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଓ ଗ୍ରାମାଞ୍ଚଳରେ ଥିବା ବେକାର ଯୁବକ, ଯୁବତୀ କିପରି ରୋଜଗାରକ୍ଷମ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ସମ୍ମାନିତ ଅତିଥି ଭାବେ ଯାଜପୁର ପୌରାଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାର ବିଭିନ୍ନ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇଁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁଚରଣ ଦାସ ଯୋଗଦେଇ ଆମ ଅଞ୍ଚଳରେ ଥିବା ବହୁ ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ଓ ତାଲିମ୍ ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ବିଭିନ୍ନ ତାଲିମ୍ ପ୍ରତିଷ୍ଠାନ ମାଧ୍ୟମରେ ତାଲିମ୍ ଦେଇ ବେକାର ସମସ୍ୟା ଦୂର କରିବାକୁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ତା’ର ସଦ୍‌ବିନିଯୋଗ କରି ନିଜେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ୩୦ଟି ସରକାରୀ ଓ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ଯୋଗଦାନ କରିଥିଲେ। ଯାଜପୁର ଜିଲ୍ଲାର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଯୁବକ ଯୁବତୀ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ଜିଲ୍ଲାରେ ଥିବା ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଓ ତାଲିମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ମୂଲ୍ୟରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ। ଏହି ନିଯୁକ୍ତି ମେଳାରେ ୮୭୧ ଜଣ ନାମ ପଞ୍ଜୀକୃତ କରିଥିବାବେଳେ ୮୩୫ ଜଣଙ୍କୁ ବିଭିନ୍ନ ଶିଳ୍ପସଂସ୍ଥା ଦ୍ୱାରା ଚୟନ କରାଯାଇଥିବା ଜିଲ୍ଲା ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଡ଼ମାରି ଛଡାଇନେଲେ ଟଙ୍କା

**ପାଣିକୋଇଲି, ୩।୧(ସମିସ):** ପାଣିକୋଇଲି ଛକରେ ମାଡ଼ ମାରି ଟଙ୍କା ଛଡାଇ ନେବା ନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ମତାବାଦ ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପୁଅ ଶମ୍ଭୁନାଥଙ୍କ ଅଭିଯୋଗ ମୁତାବକ, ସେ ପାଣିକୋଇଲିକୁ ତାଙ୍କ ଧାନକଟା ମେସିନର ଚାଳକ ଓ ଖଲାସୀ ପାଇଁ ଖାଦ୍ୟ ନେବାକୁ ଆସିଥିଲେ। ହୋଟେଲରୁ ଖାଦ୍ୟ ନେଇ ବାଇକ୍‌ରେ ଫେରୁଥିବା ବେଳେ ପାଣିକୋଇଲି-ଆଙ୍କୁଲା ରାସ୍ତାରେ ତାଙ୍କୁ ନମିଟିକରି ଗ୍ରାମର ପୂର୍ଣ୍ଣାନନ୍ଦ କବିଙ୍କ ତିନି ପୁଅ ଟୁଲୁ, ନିଲୁ ଓ ଚନ୍ଦ୍ର ଅଟକାଇ ଗାଳିଗୁଲଜ କରିଥିଲେ। ତାଙ୍କୁ ମାଡ଼ ମାରି ମେସିନ ଆଦାୟ ୨୫ ହଜାର ୭ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ଶମ୍ଭୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।







## ପ୍ରାକୃତିକ ନାଳର ଦିଗ ବଦଳାଇଛି ରେଙ୍ଗାଲି କେନାଲ ବଳକା ପାଣି

# ବର୍ଷା ଦିନେ ବି ଏକର ଏକର ଚାଷଜମି ପଡ଼ିଆ

**କାଳିଆପାଣି, ୩।୧(ସମିସ)**



ଢେଙ୍କାନାଳ-ଯାଜପୁର ଜିଲ୍ଲାର ବହୁ ଆକାଂକ୍ଷିତ ରେଙ୍ଗାଲି କେନାଲ ଦୁଇ ଜିଲ୍ଲାର ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ରେଙ୍ଗାଲି କେନାଲ ନିର୍ମାଣ ହେବା ପରେ ଯେଉଁ ଅଞ୍ଚଳ ଦିନେ ଟାଙ୍ଗରା ଥିଲା, ଆଜି ସେ ଅଞ୍ଚଳ ଶସ୍ୟ ଶ୍ୟାମଳାରେ ପରିଣତ ହୋଇଛି। ବର୍ତ୍ତମାନ ସେଠାରେ ସବୁଜ ଧାନ କ୍ଷେତ ଚାଷୀଙ୍କ ମୁହଁରେ ହସ ଫୁଟାଇଛି। ରାଜ୍ୟ ସରକାରଙ୍କ ଏଭଳି ଏକ ପଦକ୍ଷେପ ଫଳରେ ସୁକିନ୍ଦା ଭଳି ଟାଙ୍ଗର ଅଞ୍ଚଳରେ ସବୁଦିନିଆ ପାଣି ପାଇ ଚାଷୀ ଚାଷ ଉପରେ ନିର୍ଭର କରୁଛି। ପାଣି ବିନା ଯେଉଁଠାରେ ଦିନେ ଘାସ ଉଠୁ ନ ଥିଲା, ସେଠାରେ ପନିପରିବାଠାରୁ ଆରମ୍ଭ କରି ମାଛଚାଷ ଓ ଧାନଚାଷ ହୋଇଥିବା ଦେଖିବାକୁ ମିଳିଛି। ରେଙ୍ଗାଲି କେନାଲ କଡ଼େ କଡ଼େ ରହିଥିବା ବସ୍ତିବାସିନ୍ଦାଙ୍କ ମୁହଁରେ ଖୁସିର ଲହରି ଖେଳାଇଛି ଏହି କେନାଲ। କିନ୍ତୁ ରେଙ୍ଗାଲି କେନାଲ ନିର୍ମାଣକାରୀ ସଂସ୍ଥାର ବେପରୁଆ ମନୋଭାବ ଯୋଗୁଁ ଅନେକ ଚାଷୀଙ୍କ ଚାଷ ଉଜୁଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି।

କାଙ୍କଡ଼ପାଳ ପଞ୍ଚାୟତ ଅନ୍ତର୍ଗତ ଭାଲୁକି ପତଳା ଗାଁ ମୁଣ୍ଡରେ ରେଙ୍ଗାଲି କେନାଲର ବଳକା ପାଣି ନିଷ୍କାସନ ନିମନ୍ତେ ଏକ ଛାଡ଼େଣି ନିର୍ମାଣ କରାଯାଇଛି। ବର୍ଷାଦିନେ କେନାଲରେ ଅତ୍ୟଧିକ ଜଳପ୍ରବାହକୁ ରୋକିବା ନିମନ୍ତେ ଏହି ଛାଡ଼େଣିର ଆବଶ୍ୟକତା ରହିଛି। ତେବେ ଭାଲୁକି ପତଳା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ଛାଡ଼େଣି ଯୋଗୁଁ ସେମାନଙ୍କ ଗାଁ ଚତୁର୍ପାଶ୍ୱକୁ ବର୍ଷ ତମାମ ଜଳ ଯୋଗାଉଥିବା ଏକ ପ୍ରାକୃତିକ ନାଳ ବିଲୁପ୍ତ ହୋଇଯାଇଛି। ରେଙ୍ଗାଲି କେନାଲ ତଳେ ଥିବା ଏହି ନାଳକୁ ଛାଡେଣି ଦ୍ୱାରା ନିଷ୍କାସିତ ପାଣି ଆସି ଦିଗ ପରିବର୍ତ୍ତନ କରିଛି। ଛାଡ଼େଣିର ପ୍ରାୟ ଦୁଇଶହ ମିଟର ତଳେ ଥିବା ନାଳର ମାଟି ଅତଡ଼ା ଖସି ଅନ୍ୟ ଦିଗକୁ ଘାଇ କରିଦେଇଥିବା ଦେଖିବାକୁ ମିଳିଛି। ଯଦ୍ୱାରା ଉକ୍ତ ପ୍ରାକୃତିକ ନାଳର ପାଣି ସେହି ନାଳରେ ନ ଯାଇ କୃତ୍ରିମ ଘାଇ ମଧ୍ୟ ଦେଇ ତଳକୁ ବୋହିଯାଉଛି। ଫଳରେ ଶହଶହ ଏକର ଚାଷଜମି ବର୍ଷାଦିନେ ମଧ୍ୟ ପଡ଼ିଆ ପଡୁଥିବା ଅଭିଯୋଗ ହେଉଛି।

ଗାଁ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ପ୍ରାକୃତିକ ନାଳରୁ ବର୍ଷ ତମାମ ପାଣି ଆସୁଥିଲା। ଯାହା ଏବେ ଆଉ ଆସୁନାହିଁ। ଗାଁ ଲୋକଙ୍କ ସାମୂହିକ ପ୍ରଚେଷ୍ଟାରେ ଦୁଇ ଦୁଇଥର ଘାଇ ମୁହଁକୁ ମାଟି ପକାଇ ବନ୍ଦ କରାଯାଇଥିଲେ ମଧ୍ୟ ତାହା ଛାଡ଼େଣିର ପ୍ରବଳ ପ୍ରବାହ ଯୋଗୁଁ ତିଷ୍ଠି ପାରୁନାହିଁ। ମୁଖ୍ୟ କେନାଲ ତଳେ ଥିବା ପୁରୁଣା ମାଟି କେନାଲ ମାଟିରେ ପୋତି ହୋଇଯିବାରୁ ଗାଁ ଭିତରକୁ କେନାଲ ଜଳ ଆଉ ଯାଉନାହିଁ। ଗତ ତିନିବର୍ଷ ହେବ ଏହାର ପ୍ରଭାବରେ ପ୍ରଭାବିତ ଚାଷୀ ହତାଶ ହୋଇଛନ୍ତି। ଯଦି ମୁଖ୍ୟ କେନାଲର ଛାଡେଣି ଓ ପୁରୁଣା ମାଟି କେନାଲ ସଂଯୋଗ ସ୍ଥାନରେ ଦୁଇଟି କଂକ୍ରିଟ ବନ୍ଧ ନିର୍ମାଣ କରାଯାଆନ୍ତା, ତେବେ ଚାଷୀକୁଳ ଏଥିରୁ ଲାଭ ପାଆନ୍ତେ। ଚାଷୀଙ୍କ ଏଭଳି ଗମ୍ଭୀର ସମସ୍ୟାକୁ ତୁରନ୍ତ ବିଭାଗୀୟ ଅଧିକାରୀ ଓ ରେଙ୍ଗାଲି କେନାଲ ନିର୍ମାଣକାରୀ ସଂସ୍ଥା ସମାଧାନ କରିବା ପାଇଁ ଦାବି ଜୋରଦାର ହୋଇଛି।

## ୧୧ରେ ଶ୍ରୀଯଜ୍ଞ ବରାହଜୀଉଙ୍କ ପ୍ରତିଷ୍ଠା ଉତ୍ସବ



**ଯାଜପୁର, ୩।୧(ସମିସ):** ଯାଜପୁରର କ୍ଷେତ୍ରାଧିସ୍ୱର ଶ୍ରୀଯଜ୍ଞ ବରାହଜୀଉଙ୍କ ପ୍ରତିଷ୍ଠା ଉତ୍ସବ ପ୍ରତ୍ୟେକ ବର୍ଷ ପବିତ୍ର ବକୁଳ ଅମାବାସ୍ୟା ତିଥିରେ ପାଳିତ ହୁଏ। ଚଳିତ ବର୍ଷ ଏହି ତିଥି ଜାନୁଆରୀ ୧୧ ତାରିଖରେ ପଡୁଥିବାରୁ ବରାହ ଜୀଉଙ୍କ ପ୍ରତିଷ୍ଠା ଉତ୍ସବ ରୀତିନୀତି ଅନୁସାରେ କରାଯିବ ବୋଲି ତହସିଲଦାର ତଥା ମ୍ୟାନେଜିଂ ଟ୍ରଷ୍ଟି ଜ୍ୟୋତିକାନ୍ତ ଭୁଜବଳ ସୂଚନା ଦେଇଛନ୍ତି।

ବରାହଜୀଉଙ୍କ ପ୍ରତିଷ୍ଠା ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟ ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀ ଜୀଉଙ୍କ ଏହି ପବିତ୍ର ଓ ଦୁର୍ଲଭ ବେଶକୁ ଦର୍ଶନ କରିବା ସହ ଆଶିଷ ପ୍ରାପ୍ତ ହେବାକୁ ତହସିଲଦାର ଶ୍ରୀ ଭୁଜବଳ ଅନୁରୋଧ କରିଛନ୍ତି। ଯାଜପୁରର କ୍ଷେତ୍ରାଧିସ୍ୱର ଶ୍ରୀଯଜ୍ଞ ବରାହଜୀଉଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସର ବିଭିନ୍ନ କାର୍ଯ୍ୟ ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଜାନୁୟାରୀ ୧୧ ତାରିଖରେ ଶ୍ରୀ ଜୀଉଙ୍କ ମହାସ୍ନାନ ଓ ଠାକୁରଙ୍କ ବେଶ ସକାଳ ୫.୦୦ରୁ ୯.୩୦ ମିନିଟ୍, ସକାଳ ୯.୩୦ ମିନିଟରୁ ୧୦.୩୦ ମିନିଟ ମଧ୍ୟେ ବାଲ୍ୟଭୋଗ ଓ ଆଳତୀ। ସକାଳ ୧୦.୩୦ ମିନିଟରୁ ଅପରାହ୍ନ ଘ. ୩.୦୦ ମଧ୍ୟେ ସ୍ୱନକ୍ଷତ୍ର ପୂଜା ଓ ମନ୍ଦିର ଉପରେ ନେତ ବନ୍ଧା, ଅପରାହ୍ନ ଘ. ୧.୩୦ ମିନିଟରେ ପ୍ରସାଦ ସେବନ। ସନ୍ଧ୍ୟା ୬.୦୦ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ମାନେଜିଂ ଟ୍ରଷ୍ଟି ପ୍ରକାଶ କରିଛନ୍ତି।

## ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଧର୍ମଶାଳା, ୩।୧ (ସମିସ)**




ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉଉରପ୍ରତାପ ପଞ୍ଚାୟତର ନରସିଂହପୁରସ୍ଥ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଅଧକ୍ଷ ଡଃ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ରାଜ୍ୟ ବ୍ୟାପି ସମସ୍ତ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାବିଦ୍ୟାଳୟ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରୁଛି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ସାହ ଏହି କାର୍ଯ୍ୟକ୍ରମକୁ ଅଧିକ ସଫଳତା ଦେଇଛି ବୋଲି କହିଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଚକ୍ରଧର ବେହେରା, ସରପଞ୍ଚ ନିମାଇଁ ମଲ୍ଲିକ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ସାମଲ, ପଞ୍ଚାୟତ ସଭାପତି ସୁଧାଂଶୁ ମୋହନ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ଯୋଜନା ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ଅଧିକ ପରିମାଣରେ ଆକର୍ଷିତ କରିଛି। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପ୍ରତିଭା ସୃଷ୍ଟି ହେବେ ବୋଲି କହିଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। କଲେଜ ପ୍ରତିଷ୍ଠାତା ସଦସ୍ୟ ଭୀମସେନ ତରେଇ, ଅକ୍ଷୟ ମିଶ୍ର, ପୀତାମ୍ବର ନାୟକ, ବିକାଶ କୁମାର ବେହେରା, ଦାମୋଦର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଗୌରୀ ଶଙ୍କର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା, ଅଧ୍ୟାପିକା ପ୍ରମିଳା ଦାଶ, ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା ଓ ହେମନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବୋକାରୋକୁ ହରାଇଲା ଜିମ୍‌ଖାନା ରାଉରକେଲା



**ଯାଜପୁର, ୩।୧(ସମିସ):** ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବ ମିଳିତ ଆନୁକୂଲ୍ୟରେ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ଖେଳ ଇଲେଭେନ ଷ୍ଟାର ବୋକାରୋ ଓ ଜିମ୍‌ଖାନା ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଜିମ୍‌ଖାନା ୭ ୱିକେଟ୍‌ରେ ବିଜୟୀ ହୋଇଛି। ଉକ୍ତ ମ୍ୟାଚ୍‌ରେ ପ୍ରଥମେ ଇଲେଭେନ ଷ୍ଟାର ବୋକାରୋ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ୱିକେଟ୍ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁମିତ କୁମାର ୩୮ ରନ୍, ଅଭିଷେକ କୁମାର ୧୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜିମ୍‌ଖାନା ୨୦.୨ ଓଭର ଖେଳି ୬ ୱିକେଟ୍ ହରାଇ ୯୩ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ବାସୁଦେବ ବେହେରା ୩୪ ରନ୍ ଓ ବଣ୍ଟି ନାୟକ ୨୫ ରନ୍ ସଂଗ୍ରହ କରିଥିଲେ। ଆଜି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କ୍ରିଷ୍ଣା ପଲାଇଙ୍କୁ ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଭ୍ୟ ତଥା ମେଲବୋର୍ଣ୍ଣ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ଅୟସକାନ୍ତ ଧଳ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯୁବନେତା ମନୋଜ କୁମାର ସାହୁ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର, ଜ୍ଞାନ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଶରତ ଯେନା ଓ ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ଏସ୍.କେ. କାଶିଫ୍ ଅଲ୍ଲୀ ସ୍କୋରର ଥିଲେ।

## ଦେଉଳକଣ ପଞ୍ଚାୟତ ବିଜେଡିର ବନ୍ଧୁମିଳନ



**ଟମକା, ୩।୧(ସମିସ):** ଦେଉଳକଣ ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି କାର୍ଯ୍ୟାଳୟରେ ସମ୍ପାଦକ ନରୋତ୍ତମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଆଗାମୀ ନିର୍ବାଚନରେ କିପରି ଏକତରଫା ଭୋଟ ହେବ ଓ ବିଜୁ ଜନତା ଦଳ କିପରି ବହୁ ଭୋଟ ବ୍ୟବଧାନରେ ବିଜୟ ହେବ, ସେ ନେଇ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏ ଅବସରରେ ଦେଉଳକଣ ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, ବରିଷ୍ଠ ନେତା ଲକ୍ଷ୍ମୀଧର ବେହେରା, ଅଞ୍ଜନ କୁମାର ପ୍ରଧାନ, ଶ୍ରମିକ ନେତା ଦ୍ୱାରିକାନାଥ ଦାସ, ପଞ୍ଚାୟତ ବିଜେଡି ସଭାପତି ପଞ୍ଚାନନ ଜେନା, ସାଧାରଣ ସମ୍ପାଦକ ବିଦ୍ୟାଧର ନାୟକ, ସହସମ୍ପାଦକ ଲମ୍ବୋଧର ମହାନ୍ତ, ଯୁବନେତା ସୁରେଶ କୁମାର ମହାନ୍ତ, ପ୍ରଭାକର ମହାନ୍ତ, ଧମେନ୍ଦ୍ର ନାୟକ, ବିପିନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟମକା-ମଙ୍ଗଳପୁର ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା, ୩।୧(ସମିସ):** ଟମକା-ମଙ୍ଗଳପୁର ରାସ୍ତାର ଦାମୋଦରପୁର ଛକ ନିକଟରୁ ଯୁବକଙ୍କ ମୃତଦେହ ଜବତ କରିଛି ସୁକିନ୍ଦା ପୁଲିସ। କାଙ୍କଡ଼ପାଳ ପଞ୍ଚାୟତ ଅଧୀନସ୍ଥ କରଡ଼ାଗାଡିଆର ଯୁଗଳ ଦେହୁରୀଙ୍କ ପୁଅ ଗୋବର୍ଦ୍ଧନ ଦେହୁରୀ(୨୩) କଳିଙ୍ଗନଗର ଟାଟା ପ୍ରକଳ୍ପରେ ଡ୍ୟୁଟି କରିବା ପାଇଁ ବୁଧବାର ସକାଳୁ ଘରୁ ଯାଇଥିଲେ। ଦାମୋଦରପୁର ଛକ ନିକଟ ରାସ୍ତା କଡ଼ରେ ଗୋବର୍ଦ୍ଧନ ଆହତ ହୋଇ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସ୍ଥାନୀୟ ଲୋକେ ଗୋବର୍ଦ୍ଧନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୋବର୍ଦ୍ଧନଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ଗୋବର୍ଦ୍ଧନଙ୍କ ମୃତ୍ୟୁ ଖବର ପାଇ ଦାମୋଦରପୁର ଛକରେ ସ୍ଥାନୀୟ ଯୁବକ ମଙ୍ଗଳପୁର-ଟମକା ରାସ୍ତା ଅବରୋଧ କରିଥିଲେ। ସୁକିନ୍ଦା ତହସିଲଦାର ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଆଜି ସକାଳୁ ଏକ ଗାଡ଼ି ସେହି ସ୍ଥାନରେ ଦୁର୍ଘଟଣା ଘଟାଇ ପାର ହୋଇଯାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।



## କବାଟବନ୍ଧ ପ୍ରାଣୀଧନ ସହାୟକ କେନ୍ଦ୍ର

# ୧୦ ବର୍ଷ ପରେ ବି ହେଉନି କାର୍ଯ୍ୟକ୍ଷମ



**କବାଟବନ୍ଧ, ୩।୧ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧଠାରେ ଥିବା ପ୍ରାଣୀଧନ ସହାୟକ କେନ୍ଦ୍ର ନିର୍ମାଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବିଭାଗୀୟ ଅଧିକାରୀଙ୍କ ଅଣଦେଖା କାରଣରୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହାକୁ କାର୍ଯ୍ୟକ୍ଷମ କରାଯାଉନି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକ ସେମାନଙ୍କ ଗୃହପାଳିତ ପଶୁଙ୍କ ଚିକିତ୍ସା ନିମିତ୍ତ ନାନା ସମସ୍ୟା ଭୋଗ କରୁଛନ୍ତି। ଏଥିପ୍ରତି ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

କବାଟବନ୍ଧ ଅଞ୍ଚଳରେ କେତେକ ଲୋକ ଗାଇ, ମଇଁଷି, ଛେଳି ପାଳନ କରି ନିଜର ଜୀବିକା ନିର୍ବାହ କରନ୍ତି। ଏ ଅଞ୍ଚଳର ପ୍ରାଣୀଧନ ସୁରକ୍ଷା ଓ ପଶୁପକ୍ଷୀଙ୍କ ଚିକିତ୍ସାର ଆବଶ୍ୟକତା ଦୃଷ୍ଟିରୁ କବାଟବନ୍ଧଠାରେ ପ୍ରାୟ ୧୦ ବର୍ଷ ପୂର୍ବେ ଏକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ତାହା କୌଣସି କାର୍ଯ୍ୟରେ ଲାଗି ପାରିଲା ନାହିଁ। କେବଳ ଘର ନିର୍ମାଣ ହୋଇ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଲେଖାଯାଇ ତାଲା ଝୁଲୁଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏଠାରେ କାହାକୁ ନିଯୁକ୍ତି ଦିଆଗଲାନାହିଁ। ଫଳରେ ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଘରର ଗୋଟିଏ ପାର୍ଶ୍ୱରେ ଜାଳେଣୀ କାଠ ଗଚ୍ଛିତ କରି ରଖାଯାଇଥିବା ଦେଖିବାକୁ ମିଳିଛି। ଏହାର ପରିସର ଅନାବନା ଗଛ ସହିତ ଚାରିଆଡ଼େ ମଦ ବୋତଲ ଓ ଭୋଜିଭାତ ପାଇଁ ଚୁଲି ହୋଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଠାରେ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କୁ ନିଯୁକ୍ତି ଦେଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଦେଶୀମଦ ଜବତ, ଜଣେ ଗିରଫ

**ସୁକିନ୍ଦା, ୩।୧(ସମିସ):** ସୁକିନ୍ଦା ପୁଲିସ ପିମ୍ପୁଡିଆ ଗ୍ରାମରୁ ଚୋରା ଦେଶୀମଦ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପିମ୍ପୁଡିଆ ଗ୍ରାମର ଭାସ୍କର ମୁଣ୍ଡାଙ୍କ ପୁଅ ଶୁକୁରା ମୁଣ୍ଡା (୨୦) ଗ୍ରାମରେ ଦେଶୀମଦ କାରବାର କରୁଥିବା ସୂଚନା ପାଇ ଚଢ଼ଉ କରିଥିଲେ। ମଦ ଜବତ କରିବା ସହ ଶୁକୁରା ମୁଣ୍ଡାକୁ ଗିରଫ କରିଛି। ଏ ନେଇ ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଧର୍ମପ୍ରାଣାଙ୍କ ପରଲୋକ

**ଯଖପୁରା, ୩।୧(ସମିସ):** ପଙ୍କପାଳ ଗ୍ରାମର ଜଣେ ଧର୍ମପ୍ରାଣା, ସ୍ନେହୀ ଓ ମେଳାପି ମହିଳା ସୁକାନ୍ତୀ ଜେନା (୭୧)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ପଙ୍କପାଳ ବାସଭବନରେ ବସିଥିବା ଅବସ୍ଥାରେ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ବିନୟ ଜେନା, ମଝିଆ ପୁଅ ବ୍ରଜମୋହନ ଜେନା, ସାନପୁଅ କୁଞ୍ଜବିହାରୀ ଜେନା, ତିନି ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

## ଗୋପୀନାଥଜୀଉ କ୍ରିକେଟ୍ ଉଦ୍‌ଯାପିତ

**ପାଣିକୋଇଲି, ୩।୧(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ଚାଲିଥିବା ୨୮ତମ ଗୋପୀନାଥଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଆଶୀର୍ବାଦ ଆଗ୍ରୋ ପ୍ରଡ଼କ୍ଟ ପ୍ରାୟୋଜିତ ୩ଦିନ ବ୍ୟାପି ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ୍ ଧନପୁର ଓ ପଣ୍ଡୁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧନପୁର ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଳା ୯.୭ ଓଭରରେ ୭ ୱିକେଟ ହରାଇ ୧୦୦ ରନ କରି ବିଜୟୀ ହୋଇଥିଲା। ଖେଳକୁ ଦୀପକ ସାମଲ ଓ ଅଜୟ କୁମାର ଗିରି ପରିଚାଳନା କରିଥିବାବେଳେ ପରମେଶ୍ୱର ନାୟକ ଓ ରଶ୍ମୀରଞ୍ଜନ ଧଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ଦାସ ସ୍କୋରର ଥିଲେ।

## ପଡ଼ିଆରେ ଖେଳିବାକୁ ନେଇ ମାରପିଟ୍

**ପାଣିକୋଇଲି, ୩।୧(ସମିସ):** ପାଣିକୋଇଲି ଥାନା ଗୋଳେଇପୁର ପଡ଼ିଆରେ କେତେକ ବ୍ୟକ୍ତି ରାତିରେ ତାସ ଖେଳୁଥିବାବେଳେ ଅନ୍ୟଏକ ଗୋଷ୍ଠୀ ସେମାନଙ୍କୁ ଉଠାଇ ସେଠାରେ ଖେଳିବାକୁ ଚାହିଁଥିଲେ। ଏହାକୁ ପ୍ରତିବାଦ କରିବାରୁ ମାରପିଟ୍ ହୋଇଥିଲା। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାନବିରୁହାଁ ଗ୍ରାମର ଘଣ୍ଟେଶ୍ୱର ଦଳେଇଙ୍କ ପୁଅ ପରଜିତଙ୍କ ଅଭିଯୋଗ ମୁତାବକ, ସେ ଅନ୍ୟ ଦୁଇଜଣଙ୍କୁ ଧରି ଗୋଳେଇପୁର ପଡ଼ିଆରେ ଖେଳୁଥିଲେ। ଏହି ସମୟରେ ହାଟସାହିର ପ୍ରଶାନ୍ତ ମଲିକ, ନାଣ୍ଡୁ ମଲିକ, ଧୀରେନ ମଲିକ, କୁରୁପା ମଲିକ ଆସି ପରଜିତଙ୍କୁ ସେଠାରୁ ଉଠ ଆମେ ଖେଳିବୁ ବୋଲି କରିଥିଲେ। ପରଜିତ ପ୍ରତିବାଦ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପରଜିତଙ୍କୁ ପ୍ରଶାନ୍ତ ଏକ ବ୍ଲେଡର କାଟି କ୍ଷତାକ୍ତ କରିଥିଲା। ତାଙ୍କ ଗ୍ରାମର ସିଦ୍ଧାନ୍ତ ସାହୁ ଏହାର ପ୍ରତିବାଦ କରିବାରୁ ମିଳିତ ଭାବେ ତାକୁ ଆକ୍ରମଣ କରିବା ସହ ପିଟିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ମାଡ଼ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେମାନଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପରଜିତ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଟ୍ରକ୍ ଚାଳକଙ୍କୁ ଆକ୍ରମଣ ଅଭିଯୋଗ

**ପାଣିକୋଇଲି, ୩।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ହାଟସାହି ଚାରି ଛକରେ ଟ୍ରକ୍ ରଖି ଚାଳକ ଶୋଇଥିବାବେଳେ ତାଙ୍କୁ ଡାକି ଆକ୍ରମଣ କରି ଏକ କାର୍‌ରେ ଉଠାଇ ନେବା ପରେ ହାଟସାହି ଗ୍ରାମରେ ପଶି ଗାଳିଗୁଲଜ କରିବା ନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଯାଜପୁରରୋଡ ଥାନା ଅନ୍ତର୍ଗତ ଖପୁରିଆପଦା ଗ୍ରାମର କାର୍ତ୍ତିକ ମଲିକଙ୍କ ପୁଅ ସୁରେଶଙ୍କ ଅଭିଯୋଗ ମୁତାବକ, ସେ ହାଟସାହି ଚାରି ଛକରେ ରାତିରେ ଟ୍ରକ ରଖି ଶୋଇଥିଲେ। ହଠାତ କିଛି ଲୋକ ଆସି ଟ୍ରକର ଡୋର ବାଡାଇଥିଲେ। ସୁରେଶ ଡୋର ଖୋଲି ଦେଖିବା ବେଳକୁ ଟିକର ଗ୍ରାମର ନଣ୍ଡା ମହାପାତ୍ର, ସୁବଳ ମହାପାତ୍ର କିଛି ବ୍ୟକ୍ତିଙ୍କ ସହ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ଏକ କାର୍‌ରେ ପୁରାଇ ଟିକର ହନୁମାନ ପାଖକୁ ଆଣିଥିଲେ। ସେଠାରେ ତାକୁ ଅଟକ ରଖି ଗ୍ରାମାବସୀଙ୍କୁ ମାଡ଼ ମାରିବୁ ଓ ତୋ ଘର ଲୋକଙ୍କୁ ଡାକ ବୋଲି କହିଥିଲେ। ସେ ଏଠାକାର ଲୋକ ନୁହେଁ। ଭଉଣୀ ଘର ହାଟସାହି ବୋଲି କହିଥିଲା। ହେଲେ ସେମାନେ ତୋ ଭିଣୋଇକୁ ଡାକ ବୋଲି କହିଥିଲେ। ଫଳରେ ସୁରେଶ ଭିଣୋଇ ଉତ୍ତମ ମଲିକଙ୍କୁ ଫୋନ କରିଥିଲେ। ଉତ୍ତମ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ସେମାନେ ଗ୍ରାମବାସୀଙ୍କୁ ଜଣାଇବାରୁ ଗ୍ରାମବାସୀ ପୁଲିସକୁ ଫୋନ କରି ଡାକିଥିଲେ। ଫଳରେ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ସୁରେଶ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ନିର୍ବାଚନ



**ସୁକିନ୍ଦା, ୩।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଲ ପଞ୍ଚାୟତର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଅକ୍ଷୟ କୁମାର ବେହେରା ସଭାପତି, ଭାରତ ଚନ୍ଦ୍ର ମଲ୍ଲ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କୀର୍ତ୍ତନ ଚରଣ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଆଭିମୁଖ୍ୟ ସମ୍ପର୍କରେ ମହାସଂଘର ସମ୍ପାଦକ ପ୍ରହଲାଦ ରାଉତ ସବିଶେଷ ଆଲୋଚନା କରିଥିଲେ। ସୁକିନ୍ଦା, ଦାନଗଦି, କଳିଙ୍ଗନଗର ବରିଷ୍ଠ ନାଗରିକ ସଂଘ ସଭାପତି କଳାକାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ବଳ, ସମ୍ପାଦକ ଶିଶିର କୁମାର ଚୌଧରୀ, କୋଷାଧ୍ୟକ୍ଷ ରଙ୍ଗାଧର ଆଚାର୍ଯ୍ୟଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତାଙ୍କୁ ପଞ୍ଚାନନ ବଳ ଶପଥ ପାଠ କରାଇଥିଲେ।

## ବିଜେପି କୃଷକ ମୋର୍ଚ୍ଚାର ସାମ୍ବାଦିକ ସମ୍ମିଳନୀ

**ଧର୍ମଶାଳା, ୩।୧(ସମିସ):** ଯାଜପୁର ଜିଲ୍ଲାରେ ଅଦ୍ୟାବଧି ଧାନମଣ୍ଡି ଖୋଲୁ ନ ଥିବା ନେଇ ବିଜେପି କୃଷକ ମୋର୍ଚ୍ଚାର ଏକ ସାମ୍ବାଦିକ ସମ୍ମିଳନୀ ଜାରକା ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମଙ୍ଗଳବାର ଦିନ ଜାରକାସ୍ଥ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ନଭେମ୍ବର ମାସରେ ଧାନମଣ୍ଡି ଖୋଲାଯିବାକୁ ଥିବାବେଳେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଜିଲ୍ଲାରେ ଧାନମଣ୍ଡି ଖୋଲାଯାଇନାହିଁ। ତେଣୁ ଜିଲ୍ଲାପାଳ ତଦନ୍ତ କରିବାକୁ ଦାବି କରାଯାଇଛି। ମଣ୍ଡି ଖୋଲା ନ ଯିବା କାରଣରୁ ଚାଷୀ କମ୍ ଦରରେ ମିଲରଙ୍କୁ ଧାନ ବିକ୍ରୟ କରିବାକୁ ବାଧ୍ୟ ହେଉଥିବା ଶ୍ରୀ ସାହୁ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବ ଧଳ, ଉପସଭାପତି ଉପେନ୍ଦ୍ର କର, ବରିଷ୍ଠ ବିଜେପି ନେତା ନରେଶ ମହାନ୍ତି, ପ୍ରକାଶ ସାମଲ, ନୃସିଂହ ମିଶ୍ର ଉପସ୍ଥିତ ଥିଲେ।

